ବିଇଓଙ୍କୁ ଶିକ୍ଷକ ସମନ୍ୱୟ ପକ୍ଷରୁ ସ୍ମାରକପତ୍ର

ପଟ୍ଟାମୁଣ୍ଡାଇ(ଅମୃତ ମିଡିଆ) : ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଗତ ୧୨ ତାରିଖରେ ବିଭିନ୍ନ ଶିକ୍ଷକ ସମସ୍ୟା ନେଇ ପଟ୍ଟାମୁଣ୍ଡାଇବ୍ଲକ ଶିକ୍ଷାଧିକାରୀ ଭ୍ରମରବର ବିଶ୍ୱାଳଙ୍କୁ ଭେଟି ଆଲୋଚନା କରାଯାଇଥିଲା । ଆଜି ଶିକ୍ଷକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ , ସାଧାରଣସଂପାଦକ ବଳଭଦ୍ର ପ୍ରସାଦ ରାଉତ, ଉପସଭାପତି ଉଦକର ସାମଲ ଓ ସୁଧାଂଶୁବାଳା ମହାପାତ୍ର, ୟୁଜିୟୁପି ଶିକ୍ଷକ ସଂଘ ସଭାପତି ଶୁଭ୍ରାଂଶୁ କୁମାର ଦାସ, ସଂପାଦକ ରାମଚନ୍ଦ୍ର ମିଶ୍ର, ଜିଲ୍ଲାପରିଷଦ ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶ, ଶିକ୍ଷା ସହାୟକ ସଂଘ ପ୍ରାକ୍ତନ ରାଜ୍ୟ ସଭାପତି ମଳୟ ଜେନା, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସାଧାରଣସଂପାଦକ କରୁଣାକର ଭୋଳ, ଶିକ୍ଷକନେତା ଅନ୍ତର୍ଯ୍ୟାମୀ ବେଜ, ଅଶୋକ ପରିଡା, ଗୋଲକ ମଲ୍ଲିକ, ଆରତ ନାୟକ, ପ୍ରଦୀପ ତରାଇ, ଅଜୟ ସ୍ୱାଇଁ, ରବିନାରାୟଣ ମହାପାତ୍ର ପ୍ରମୁଖ ବିଭିନ୍ନ ଶିକ୍ଷକ ସଂଗଠନର ପ୍ରତିନିଧି ମିଳିତ ଭାବେ ୧୩ ଦଫା ସମ୍ବଳିତ ଦାବିପତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ଜିଲ୍ଲାର ସବୁ ବ୍ଲକ ଭଳି ପଟ୍ଟାମୁଣ୍ଡାଇ ବ୍ଲକରେ ସରକାରୀ ନିୟମ ପାଳନ କରାଯାଉ । ୭ମ ପେ ଠିକ ଫିକସନର ୧୦% ଓ ବକେୟା ପ୍ରାପ୍ୟ ପ୍ରଦାନ ଏମ.ଏ.ସି.ପି ତୁରନ୍ତ କାର୍ଯ୍ୟକାରୀ କରାଯାଉ, ସବୁ ବର୍ଗର ଶିକ୍ଷକ/ଶିକ୍ଷୟତ୍ରୀଙ୍କ ସେବା ପୁସ୍ତିକା ଅପ-ଟୁ-ଡେଟ କରାଯାଉ, ଆବେଦନର ୧୫ ଦିନ ମଧ୍ୟରେ ଜିପିଏଫ ଦିଆଯାଉ, ଶିକ୍ଷକଙ୍କ ଅବସର ପୂର୍ବରୁ ସବୁ ପ୍ରାପ୍ୟ ଦିଆଯାଉ, ନିୟମିତ ଶିକ୍ଷକଙ୍କ ଭଳି ଜୁନିୟର ଶିକ୍ଷକଙ୍କ ଦରମା ଏମ ସମୟରେ ପ୍ରଦାନ କରାଯାଉ, ଶିକ୍ଷକଙ୍କ ପଦୋନ୍ନିତ ଓ ନିଯୁକ୍ତିସ୍ଥଳ ସଂପର୍କରେ ଶିକ୍ଷକ ସମନ୍ୱୟ ସମିତି ସହ ଆଲୋଚନା କରାଯାଉ, ଶିକ୍ଷାବର୍ଷ ଆରମ୍ଭରୁ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଉ, ରାମ ଚନ୍ଦ୍ର ମିଶ୍ର, ନିରାକାର ପଣ୍ଡା, କ୍ଷୀରାଦିତନୟା ରାୟଙ୍କ ବକେୟା ପ୍ରାପ୍ୟ ଓ ବଳଭଦ୍ର ପ୍ରସାଦ ରାଉତଙ୍କ ନିଲମ୍ବନ ସମୟକୁ ନିୟମିତ କରାଯାଉ ଓ ପ୍ରତ୍ୟେକ ମାସରେ ଶିକ୍ଷା ପ୍ରଶାସନ ଓ ଶିକ୍ଷକ ସମସ୍ୟା ସଂପର୍କରେ ଶିକ୍ଷକ ସମନ୍ୱୟ ସମିତି ସହ ଆଲୋଚନା କରାଯାଉ ଆଦି ଦାବି ଅନ୍ତର୍ଭୁକ୍ତ । ପଟ୍ଟାମୁଣ୍ଡାଇ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରାଯାଇଛି ।

ଦଳିତ ମହିଳା ସୁକାନ୍ତିଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ

ତଦନ୍ତ ଦାବିରେ କଂଗ୍ରେସର ବିକ୍ଷୋଭ

ପୁରୀର ଦଳିତ ମହିଳା ଶ୍ରୀମତୀ ସୁକାନ୍ତି ଭୋଇଙ୍କ
ଚିକିତ୍ସା ଅବହେଳା ଜନିତ ମୃତ୍ୟୁର ତଦନ୍ତ ଦାବିରେ
ବିକ୍ଷୋଭ ଓ ରାଜ୍ୟପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ
ସୌଜନ୍ୟ:- ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ଜାତି ବିଭାଗ

ରାଉରକେଲା(ଅମୃତ ମିଡିଆ) : ପୁରୀ ଜିଲ୍ଲା ସତ୍ୟବାଦୀ ଅଞ୍ଚଳର ସୁକାନ୍ତି ଭୋଇ ନାମ୍ନୀ ଜନୈକା ମହିଳାଙ୍କର ଚିକିତ୍ସାଜନିତ ଅବହେଳାରୁ ମୃତ୍ୟୁ ହେବା ଘଟଣାକୁ ନେଇ ରାଉରକେଲା ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ ପାଇଛି । ଅନୁସୂଚିତ ଜାତିର ନେତା ବିନୋଦ ତନ୍ତୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଏହି ଘଟଣାର ତଦନ୍ତ ଓ ସମ୍ପୃକ୍ତ ମହିଳାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଏକ ସ୍ମାରକପତ୍ର ଓଡିଶା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଜ୍ଞାପନ କରାଯାଇଛି । ଏହି ସ୍ମାରକପତ୍ରରେ କୁହାଯାଇଛି ଯେ, ସତ୍ୟବାଦୀ ଅଞ୍ଚଳର କବୀର ଭୋଇ ନାମକ ଜଣେ ଗରିବ ଦଳିତ ବ୍ୟକ୍ତି ତାଙ୍କ ପତ୍ନୀ ସୁକାନ୍ତି ଭୋଇ ଅସୁସ୍ଥ ହେବାରୁ ତାଙ୍କୁ ପୁରୀ ସଦର ମେଡିକାଲରେ ଭର୍ତ୍ତି କରିଥିଲେ । ପୁରୀ ସଦର ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଉପଯୁକ୍ତ ଚିକିତ୍ସା ନ କରି ଘରକୁ ପଠାଇ ଦେଇଥିଲେ। ତେବେ କବୀର ଭୋଇତାଙ୍କ ପତ୍ନୀଙ୍କୁ କଟକ ବଡ ମେଡିକାଲକୁ ନେବାକୁ ଚାହିଁବାରୁ ପୁରୀ ସଦର ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ଆମ୍ବୁଲାନ୍ସ ମଧ୍ୟ ଯୋଗାଇ ଦେଇନଥିଲେ। ସ୍ୱାମୀ କବୀର ଭୋଇ ଅନ୍ୟ କିଛି ଉପାୟ ନ ପାଇ ଏକ ଟ୍ରଲି ରିକ୍ସା ଭଡାକରି ପୁରୀରୁ ପ୍ରାୟ ୯୦ କିଲୋମିଟର ପତ୍ନୀଙ୍କୁ ଉକ୍ତ ଟ୍ରଲି ରିକ୍ସାରେ ପକାଇ ଟାଣି ଟାଣି କଟକ ବଡ ମେଡିକାଲରେ ପହଞ୍ଚିଥିଲେ । ତେବେ କଟକ ବଡ ମେଡିକାଲରେ ପହଞ୍ଚିବା ପରେ ଶ୍ରୀମତୀ ଭୋଇଙ୍କର ମୃତ୍ୟୁ ଘଟିଥିଲା । ତେଣୁ ଏହି ଘଟଣାରୁ ରାଜ୍ୟରେ ସ୍ୱାସ୍ଥ୍ୟ ସେବା କିପରି ଚାଲିଛି ଓ ଦଳିତ ଗରିବ ଶ୍ରେଣୀର ଲୋକମାନେ କିପରି ସରକାରୀ ସ୍ୱାସ୍ଥ୍ୟ ସେବାରୁ ଉପକୃତ ହେଉଛନ୍ତି ତାହା ସହଜରେ ବୁଝାପଡୁଛି । ରାଜ୍ୟରେ ସ୍ୱାସ୍ଥ୍ୟ ଯେ ଅତ୍ୟନ୍ତ ଖରାପ ଓ ନିମ୍ନମାନର ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଯାଇଛି । ତେଣୁ ମହାମହିମ ରାଜ୍ୟପାଳ ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ସମ୍ପୃକ୍ତ ଦଳିତ ପରିବାରକୁ ଅନ୍ୟୁନ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ଏହି ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ରଘୁନାଥପାଲ୍ଲୀ କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ଇନଟକ ଅଧ୍ୟକ୍ଷ ନିହାର ଦାସ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ସରୋଜ ମହାନ୍ତି, ବରିଷ୍ଠ ଇଂ.ଆର୍.ପି. ସିଂହ, ସରୋଜ ଜେନା, ବନଲତା ବେହେରା, ଦଳିତ ନେତା ଶ୍ୟାମ ସାଗର, ରଣଜିତ ନାଏକ, ମନୋଜ ନିଖଣ୍ଡିଆ, ଅଜୟ କୁକ, ଯୁବନେତା ସଂଗ୍ରାମ ବେହେରା, ଶୁଭପ୍ରିୟ ମହାନ୍ତି, ସ୍ୱାଗତ ମଲ୍ଲିକ, ମନୋଜ ପ୍ରଧାନ, ଦିଲ୍ଲିପ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ସତ୍ୟବ୍ରତଙ୍କ ପଦଯାତ୍ରା

ଭୁବନ(ଅମୃତ ମିଡିଆ): ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ କରିବାକୁ ଅନେକ ସାମାଜିକ ଅନୁଷ୍ଠାନ ଓ ରାଜନୈତିକ ଦଳ ବିଭିନ୍ନ ସମୟରେ କେନ୍ଦ୍ର ସରକରଙ୍କର ଦୃଷ୍ଟି ଆର୍କଷଣ କରିଥିବା ବେଳେ ଆଜି ପର୍ଯ୍ୟନ୍ତ କୈଣସି ସୁଫଳ ମିଳିପାରିନାହିଁ । କିନ୍ତୁ ଏକ ନିଆରା ପଦକ୍ଷେପ ଗ୍ରହଣ କରି ସରକାରଙ୍କର ଦୃଷ୍ଟି ଆର୍କଷଣ କରିବାକୁ ଚେଷ୍ଟା କରିଛନ୍ତି ଜଗତସିଂପୁର ଜିଲ୍ଲା ବାଲିକୁଦା ବ୍ଲକର ସତ୍ୟବ୍ରତ ଦାସ । ସେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ଦାବି ନେଇ ସାରା ରାଜ୍ୟରେ ଥିବା ୩୧୪ଟି ବ୍ଲକକୁ ପଦଯାତ୍ରା କରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ନିକଟକୁ ବାଦି ପ୍ରଦାନ କରୁଛନ୍ତି । ଗତ ବର୍ଷ ଜୁଲାଇ ୧୦ ତାରିଖରୁ ଆଜି ପର୍ଯ୍ୟନ୍ତ ସେ ରଜ୍ୟର ୨୫୮ଟି ବ୍ଲକ ରେ ପହଁଚି ନିଜର ଦାବି ଜଣାଇ ସାରିଛନ୍ତି । ତେବେ ବର୍ତମାନ ସୁଦ୍ଧା ୮ହଜାର କି.ମି ରୁ ଉର୍ଦ୍ଧ ପଥ ପଦଯାତ୍ରା କରି ସତ୍ୟବ୍ରତ ଦାସ ଆଜି ଭୁବନ ବ୍ଲକରେ ପହଁଚି ବିଡିଓ ଆଶୀର୍ବାଦ ପରିଡା ଙ୍କୁ ସାକ୍ଷାତ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉକ୍ତ ଦାବି ପତ୍ର ପ୍ରଦାନ କରିଥିଲେ । ଭୁବନର ବିଭିନ୍ନ ଅନୁଷ୍ଠାନ ତରଫରୁ ଶ୍ରୀ ଦାସ ଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

ସାନିଟାଇଜର ମେସିନ ପ୍ରଦାନ

ଭୁବନ(ଅମୃତ ମିଡିଆ): ଭୁବନ ସହରରେ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇ ୬୦୦ ରୁ ଅଧିକ ହୋଇଥିବା ବେଳେ ସଂକ୍ରମଣରୁ ରକ୍ଷା ପାଇବା ସହିତ ଡାକ୍ତରଖାନାକୁ ଆସୁଥିବା ରୋଗୀ ଓ ସେମାନଙ୍କ ସଂପର୍କୀୟ ମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ଢେଙ୍କାନାଳ ରୋଟାରୀ କ୍ଲବ ତରଫରୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୨ ଟି ସାନିଟାଇଜର ମେସିନ ପ୍ରଦାନ କରାଯାଇଛି । ରୋଟାରୀ କ୍ଲବ ସଭାପତି ରୋଟାରିଅନ ବିଶ୍ୱଜିତ ଦାଶଗୁପ୍ତା ଙ୍କ ସମେତ ସମ୍ପାଦିକା ରୋଟାରିଅନ ସାଗରିକା ମିଶ୍ର,ରୋଟାରିଅନ ବିନୋଦ କୁମାର ଅଗ୍ରୱାଲ, ଡା.ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଏହି ମେସିନକୁ ଉଦଘାଟନ କରିଥିଲେ ।

ଜାତୀୟ ୱେବିନାର

ପଟ୍ଟାମୁଣ୍ଡାଇ(ଅମୃତ ମିଡିଆ): ପଟ୍ଟାମୁଣ୍ଡାଇ କଲେଜ ପଦାର୍ଥବିଜ୍ଞାନ ବିଭାଗ ପକ୍ଷରୁ "ଟୁ ଡିମେନ୍ସନାଲ ମେଟ୍ରିଆଲ୍ସ ଫର ଏନର୍ଜି ଆପ୍ଲିକେସନସ" (ଆଡମିଆ ୨୦୨୦) ଶୀର୍ଷକ ଜାତୀୟ ୱେବିନାର ତା୨୧/୧୦/୨୦୨୦ରିଖରେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଡ. ଚନ୍ଦ୍ର ଶେଖର ରାଉତ ଓ ଅକ୍ସଫୋର୍ଡ ୟୁ.କେ. ର ବୈଜ୍ଞାନିକ ଡ. ମାନସ ରଞ୍ଜନ ପରିଡା ଯୋଗ ଦେଇ ନାନୋ ପ୍ରଯୁକ୍ତି ବିଦ୍ୟାରେ ସୌର ଶକ୍ତିର ସଚଂୟ ବିନିଯୋଗ ଓ ବ୍ୟବହୃତ ବିଭିନ୍ନ ପଦାର୍ଥ ସଂପର୍କରେ ସବିଶେଖ ଆଲୋଚନା କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

୪ ଜିଲ୍ଲାକୁ ...

ୱାର୍ଣ୍ଣି ଜାରି କରାଯାଇଛି ।ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗର ଅଞ୍ଚଳରେ ଅବପାତ ଏବେ ପାରାଦ୍ୱୀପ ଠାରୁ ଦକ୍ଷିଣ ,ଦକ୍ଷିଣ -ପୂର୍ବ ଦିଗରେ ୩୫୦ କିମି ଏବଂ ବାଲାଂଦେଶର ଖେପୁର ଠାରୁ ଦକ୍ଷିଣ ,ଦକ୍ଷିଣ ପୂର୍ବ ଦିଗରେ ୧୫୦ କିମି ଦୂରରେ ସକ୍ରିୟ ରହିଛି। ଏହା ପଶ୍ଚିମ ବଙ୍ଗ ସାଗର ଦୀପ ପୁଞ୍ଜ ଠାରୁ ଦକ୍ଷିଣ ,ଦକ୍ଷିଣ -ପୂର୍ବ ଦିଗରେ ୩୫୦ କିମି ଏବଂ ବାଲାଂଦେଶର ଖେପୁପୁର ଠାରୁ ଦକ୍ଷିଣ ,ଦକ୍ଷିଣ -ପୂର୍ବ ଦିଗରେ ୪୯୦ କିମି ଦୂରରେ ରହିଛି। ଏହା ଆଗାମୀ ୨୪ ଘଣ୍ଟାରେ ଆହୁରି ସକ୍ରିୟ ହୋଇ ଗଭୀର ଅବପାତ ରୂପ ନେବ ।ଉତ୍ତର ,ଉତ୍ତର -ପୂର୍ବ ଦିଗରେ ଗତିକରି ଶୁକ୍ରବାର ଅପରାହ୍ନ ସମୟରେ ସାଗର ଦୀପପୁଞ୍ଜ ଏବଂ ବାଲାଂଦେଶର ଖେପୁପୁରା ଠାରେ ଉପକୂଳକୁ ଅତିକ୍ରମ କରିବା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରୁ ଏବେ ଉପକୂଳ ଓଡ଼ିଶାରେ ବର୍ଷା ଲାଗିଛି। ଆସନ୍ତା କାଲି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷାର ପ୍ରଭାବ ରହିବ । ଅବପାତ ଏବଂ ପବନର ବେଗକୁ ଦେଖି ଓଡ଼ିଶାର ଗୋପାଳପୁର ଏବଂ ପୁରୀ ବନ୍ଦରକୁ ୩ ନଂ ବିପଦ ସଂକେତ ଜାରି କରାଯାଇଛି। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ବୋଲି ଆଇଏମଡ଼ି ଡ଼ିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ମାଟ୍ରିକ...

ଦେଇଥିବା କୌଣସି ଛାତ୍ରଛାତ୍ରୀଙ୍କୁ ଏ୧ ଗ୍ରେଡ୍ ମିଳିନି। ଏ୨ରେ ୧୦, ବି୧ରେ ୧୯୫, ବି୨ରେ ୯୩୦, ସିରେ ୧୯୦୨, ଡିରେ ୩୧୪୦, ଇ ରେ ୯୦୬୭, ଏଫ ରେ ୬୨୧୮ ପିଲା ପାସ କରିଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳ ମଧ୍ୟ ଆଜି ପ୍ରକାଶ ପାଇଛି। ଏଥିରେ ୯,୪୮୮ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି।

ନାଗ ...

ମିସାଇଲ ଡ଼ିଆରଡ଼ିଓର ସ୍ୱଦେଶୀ ୱାରହେଡ଼ ତାଲିକାରେ ଯୋଗ ଦେଇଛି। ଗତ ଦେଢ଼ ମାସ ମଧ୍ୟରେ ,ଡ଼ିଆରଡ଼ିଓ ଅତି କମରେ ୧୨ ଟି କ୍ଷେପଣାସ୍ତ୍ରର ପରୀକ୍ଷା କରିଛି। ସୀମାରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଏହି କ୍ଷେପଣାସ୍ତ୍ର ଗୁଡ଼ିକର ପରୀକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶ୍ୱାସ କରାଯାଏ । ନିକଟରେ ଡ଼ିଆରଡ଼ିଓ ମୁଖ୍ୟ କହିଥିଲେ ଯେ , କ୍ଷେପଣାସ୍ତ୍ର କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ଡ଼ିଆଡ଼ିଓ ସେନା ପାଇଁ ସ୍ୱଦେଶୀ କ୍ଷେପଣାସ୍ତ୍ର ପ୍ରସ୍ତୁତ କରୁଛି।

୧୯୧୩...

ରୋଗରେ ପିଡ଼ିତ ଥିଲେ। ରାଉଲକେଲାର ଜଣେ ୨୯ ବର୍ଷିୟ ମହିଳା, ଅନୁଗୁଳରୁ ୩ ଜଣ, ପୁରୀରେ ଜଣେ, ସମ୍ବଲପୁରରୁ ଜଣେ, ସୁବର୍ଣ୍ଣପୁରରୁ ୨ ଜଣ, ମୟୁରଭଞ୍ଜରୁ ୨ ଜଣ, କଟକରୁ ଜଣେ, ଭୁବନେଶ୍ୱରରୁ ୨ ଜଣ ଲେଖାଏଁ କରୋନାରେ ମୃତ୍ୟୁବରଣ କରିଛନ୍ତି। ଦେଶରେ ଗତ ୨୪ ଘଣ୍ଟାରେ ୫୫ ହଜାର ୮୩୮ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଫଳରେ ଦେଶରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭୭ ଲକ୍ଷ ୦୬ ହଜାର ୯୪୬କୁ ବୃଦ୍ଧି ପାଇଛି। ଅନ୍ୟପଟେ ୨୪ ଘଣ୍ଟାରେ ୨୪ ହଜାର ୨୭୮ ଜଣ କରୋନାରୁ ଆରୋଗ୍ୟ ଲାଭ କରି ଘରକୁ ଫେରିଛନ୍ତି ଏବଂ ଆକ୍ଟିଭ୍ କେସ୍ ୭ ଲକ୍ଷ ୧୫ ହଜାର ୮୧୨ ରହିଛି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍‌ଲାଇନରେ...

ଧାନ ବିକ୍ରୟ ପାଇଁ ଚାଷୀମାନଙ୍କ ପଞ୍ଜୀକରଣ ,ରେସନ କାର୍ଡ଼ ପାଇଁ ଆବେଦନ ଓ ସଂଶୋଧନ ଇତ୍ୟାଦି,ସୁଲଭ ମୂଲ୍ୟ ଦୋକାନ ପାଇଁ ଲାଇସେନସ ଫି ପ୍ରଦାନ ଏବଂ ସୁଲଭ ମୂଲ୍ୟ ଦୋକାନ ମାନଙ୍କ ଦ୍ୱାରା ଖାଦ୍ୟାସ୍ୟର ମୂଲ୍ୟ ପ୍ରଦାନ । ଏସବୁ ସୁବିଧା ଗୁଡ଼ିକ www.foododisha.inରେ ସିଟିଜେନ ସର୍ଭିସ ଲିଙ୍କରେ ମିଳିପାରିବ ।

ଥାନାରେ ମଦ୍ୟପାନ କରିବା ମହଙ୍ଗା ପଡିଲା

ନିଲମ୍ବିତ ହେଲେ ପୋଲିସ ଏସଆଇ

ନାଉଗାଁ,୨୧।୧୦-ନାଉଗାଁ ଥାନାରେ କାର୍ଯ୍ୟରତ ଏସଆଇ ବିବେକାନନ୍ଦ ସାହୁ ଖୁଲମଖୁଲା ଭାବେ ପୋଲିସ ବ୍ୟାରେକରେ ବସି ମଦ୍ୟପାନ କରିବା ସହିତ ଚୋରା ମଦ ବେପାରୀଙ୍କ ସହ ସଂପର୍କ ରଖି ମଦ ଓ ମାଂସ ଆଦି ମାଗିବା ଅଡିଓ ଓ ଫଟୋ ସୋସିଆଲ ମିଡିଆରେ ମଙ୍ଗଳବାର ଭାଇରାଲ ହୋଇଥିଲା। କାର୍ଯ୍ୟରତ ପୋଲିସ ଅଫିସରଙ୍କର ଉକ୍ତ ଫଟୋ ଭାଇରାଲ ହେବା ପରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରକାଶ ଆରଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପ୍ରିୟରଂଜନ ଶତପଥୀ ତଦନ୍ତ କରିବା ପାଇଁ ବୁଧବାର ନାଉଗାଁ ଥାନାରେ ପହଂଚିଥିଲେ। ତଦନ୍ତ ରିପୋର୍ଟ ପାଇବା ପରେ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ଅନୁସାରେ ଏସଆଇ ବିବେକାନନ୍ଦ ସାହୁଙ୍କୁ ନିଲମ୍ବନ କରାଯାଇଛି। ପ୍ରକାଶ ଯୋଗ୍ୟ ଯେ ଉକ୍ତ ଏସଆଇ ଯେବେ ଡିସିଓ ଦାୟିତ୍ୱରେ ରୁହନ୍ତି ଯେଉଁ ଅଭିଯୋଗ ପତ୍ର ଗ୍ରହଣ କରନ୍ତି ତାହାର ଅପରପକ୍ଷକୁ ଡକାଇ କାଉଂଟର ଏତଲା କରିବା ସହିତ ମୋଟା ଅଙ୍କର ଉତ୍କୋଚ ନେଇଥାନ୍ତି । ସେହିପରି ଉକ୍ତ ବ୍ଲକରେ ଚେରା ବାଲି ଚାଲାଣ,ଜୁଆ,ଗଂଜେଇ,ଚେରା ମଦ ବେପାର ରେ ସଂପୃକ୍ତ ଅଧିକାରୀ ଙ୍କର ସଂପୃକ୍ତି ଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

ରକ୍ତଦାନ ଶିବିର

ରାଉରକେଲା(ଅମୃତ ମିଡିଆ) : କୋଏଲନଗର ଏନ୍‌ଏସି ମାର୍କେଟ ଠାରେ ଏକ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସମ୍ଭବ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷା ଆରତୀ ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସୁବ୍ରତ ମହାନ୍ତି, ସଭାପତି ପଦ୍ମିନୀ ଦାସ, କୋଷାଧ୍ୟକ୍ଷ ଉମା ନାୟକ, ଉପଦେଷ୍ଟା ତଥା ଆଇନଜୀବୀ ବଳଭଦ୍ର ନାୟକଙ୍କ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଷ୍ଠାନର ସଭ୍ୟ, ସଭ୍ୟାଙ୍କ ମଧ୍ୟରେ ଉର୍ମିଳା ଏକ୍କା, ଜବା ମାଝି, କୁନ୍ତିଲାଲ, ସିପ୍ରା ମହାନ୍ତି, ମିହିର ମିଶ୍ର ପ୍ରଭୃତି ଉପସ୍ଥିତ ଥିଲେ । ଶିବିରରେ ରାଉରକେଲା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିବିର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ ।

ବିଜେପିର ମିଶ୍ରଣ ପର୍ବ

ରାୟଗଡ(ଅମୃତ ମିଡିଆ) : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାରତୀୟ ଜନତା ପାର୍ଟିରେ ସାମିଲ ହେଉଛନ୍ତି ଅନେକ ଜନସାଧାରଣ। ଏହି କ୍ରମରେ ରାୟଗଡ ଜିଲ୍ଲା ଶାଖା ବିଜେପିର ନେତୃମଣ୍ଡଳୀ ଓ କାର୍ଯ୍ୟକ୍ରମଗୁଡିକୁ ଦୃଷ୍ଟିରେ ରଖି ଏବଂ ଶ୍ରୀ ମୋଦିଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରାୟଗଡ ନଗରର ଅନେକ ମହିଳାମାନଙ୍କ ସହ ଯୁବଗୋଷ୍ଠୀ ବିଜେପି ଦଳରେ ସାମିଲ ହେଉଛନ୍ତି। ରାୟଗଡ ଜିଲ୍ଲା ବିଜେପି ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ପ୍ରାୟ ୧୫ଜଣ ନୂଆ ମହିଳା କର୍ମୀମାନଙ୍କ ସହ ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ଏସସି ସେଲ୍ ର ସଭାପତି ତଥା ସାଧାରଣ ସଂପାଦକ ବିଭିଷଣ ପାଣି କଂଗ୍ରେସ ଦଳ ତ୍ୟାଗ କରି ମୋଦୀଜୀଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଜିଲ୍ଲା ବିଜେପି ସଭାପତି ଶିବ ପଟ୍ଟନାୟକ, ବିଜେପି ରାୟଗଡ ନଗର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ରାୟଗଡ ନଗର ସଭାପତି ଶ୍ୟାମ କୁମାର ଦାସଙ୍କ ଉପସ୍ଥିତିରେ ବିଧିବଦ୍ଧ ଭାବେ ଯୋଗଦାନ କରିଛନ୍ତି। ଏହି ମିଶ୍ରଣ ପର୍ବରେ ନଗରର ଆହୁରି ଅନେକ ଜନସାଧାରଣ ବିଜେପିରେ ଯୋଗଦାନ କରିବେ ବୋଲି ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି।

ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକ

ରାଉରକେଲା(ଅମୃତ ମିଡିଆ) : ବରିଷ୍ଠ କଂଗ୍ରେସ ନେତା ତଥା ରାଉରକେଲାର ପୂର୍ବତନ ବିଧାୟକ ଗୁରୁପଦ ନନ୍ଦଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେକ୍ଟର-୮୦ରେ ପୂର୍ବତନ ଜିଲ୍ଲା ସଭାପତି ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଉପସ୍ଥିତ ନେତୃବୃନ୍ଦ ସ୍ୱର୍ଗତ ଗୁରୁପଦ ନନ୍ଦଙ୍କ ସ୍ମୃତିଚାରଣ କରି ତାଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗୋଟିଏ ବିଧାୟକ ହେବା ସହିତ ରାଜ୍ୟ ସମବାୟ ସଂଘ ଅଧ୍ୟକ୍ଷ, ଜାତୀୟ ସମବାୟ ସଂଘ ଉପାଧ୍ୟକ୍ଷ, ଓଡିଶା ବିଧାନସଭାରେ ସରକାରୀ ଦଳର ମୁଖ୍ୟ ସଚେତକ, ରାଜ୍ୟ ଯୁବ କଂଗ୍ରେସର ସଭାପତି ତଥା ବିଭିନ୍ନ ସମୟରେ ପ୍ରଦେଶ କଂଗ୍ରେସର ଉପାଧ୍ୟକ୍ଷ ରହି ସ୍ୱର୍ଗତ ନନ୍ଦ ତାଙ୍କ ଦକ୍ଷତା, ଦଳ ଓ ଦଳୀୟ ନେତୃତ୍ୱ ପ୍ରତି ନିଷ୍ଠାର ପ୍ରମାଣ ଦେଇଛନ୍ତି ବୋଲି ଶ୍ରୀ ସେନାପତି ଏହି ଅବସରରେ ପ୍ରକାଶ କରି ତାଙ୍କ ବିୟୋଗ ଦଳ ପାଇଁ ବିଶେଷ କ୍ଷତି ବୋଲି କହିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ପ୍ରଫୁଲ୍ଲ ପ୍ରଧାନ ଓ ସରୋଜ ଜେନା, ଜିଲ୍ଲା କଂଗ୍ରେସର ପୂର୍ବତନ କର୍ମକର୍ତ୍ତା ଧର୍ମେନ୍ଦ୍ର ପରମାର, ସରୋଜ ମହାନ୍ତି, ରତିକାନ୍ତ ମଲ୍ଲିକ, ଦିଲ୍ଲିପ ଜେନା, ଡେଭିଡ ପ୍ରଧାନ, ଇଜନୁସ ହରୋ, ଆନ୍ଦିୟାସ ଏକ୍କା ପ୍ରମୁଖ ଉପସ୍ଥିତ ରହି ଦିବଙ୍ଗତ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ପୋଲିସ୍ ପ୍ରଶାସନ ପକ୍ଷରୁ ସହିଦ୍ ଦିବସ ପାଳିତ

'ବଳିଦାନ ଦେଇଥିବା ସହିଦ୍ ଚିରସ୍ମରଣୀୟ ଓ ପ୍ରେରଣାର ଉତ୍ସ'

ରାଉରକେଲା(ଅମୃତ ମିଡିଆ) : ରାଉରକେଲା ପୋଲିସ୍ ପ୍ରଶାସନ ପକ୍ଷରୁ ୬୧ତମ ସହିଦ ଦିବସ ସ୍ଥାନୀୟ ରିଜର୍ଭ ପୋଲିସ୍ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଡିଆଇଜି ସୁଶ୍ରୀ କବିତା ଜଲାନ ଯୋଗ ଦାନ କରି ସହିଦ ଦିବସ ଅବସରରେ ଦେଶ ଓ ସମାଜ ପାଇଁ ଜୀବନ ବଳିଦାନ ଦେଇଥିବା ଶହୀଦମାନଙ୍କ ସ୍ମୃତିଚାରଣ କରି ସେମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ପରେ ଆୟୋଜିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରି ସହିଦମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ଯେଉଁମାନେ ଦେଶ ଓ ସମାଜ ପାଇଁ ନିଜର ଜୀବନକୁ ବାଜି ଲଗାଇ ଜୀବନ ବଳିଦାନ ଦେଇଛନ୍ତି ସେମାନେ ଆମର ଗର୍ବ ଓ ଗୌରବ । ତାଙ୍କର ଏହି ମହାନ୍ ବଳିଦାନ ଆମକୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇ ଦେଉଛି । ସେମାନେ ସବୁବେଳେ ଜନମାନସରେ ଚିରସ୍ମରଣୀୟ ହୋଇ ରହିବେ। ଚଳିତ ବର୍ଷ ପୋଲିସ୍ ବିଭାଗ ପକ୍ଷରୁ ବିଭିନ୍ନ ଘାତ ପ୍ରତିଘାତକୁ ଭ୍ରୁକ୍ଷେପ ନ କରି କରୋନା ମହାମାରୀ ସମୟରେ ଦାୟୀତ୍ୱରତ ପୋଲିସ୍ କର୍ମଚାରୀ, ସ୍ୱାସ୍ଥ୍ୟ କର୍ମଚାରୀ ତଥା ଅନ୍ୟାନ୍ୟା କର୍ତ୍ତବ୍ୟରତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ନିଜର ଜୀବନକୁ ବଳିଦାନ ଦେଇଛନ୍ତି ସେମାନଙ୍କ ସ୍ମୃତିଚାରଣ କରିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁନଶ୍ଚ ସହିଦ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ଏହି ସହିଦ ଦିବସ ପାଳନ ଅବସରରେ ରାଉରକେଲା ଆରକ୍ଷୀ ଅଧିକ୍ଷକ କେ.ଶିବା ସୁବ୍ରମଣି, ଆଇପିଏସ୍ ସ୍ୱାତୀ ଏସ୍.କୁମାର, ଏଏସପି ମୋହନପାଣି କାରୁଆ ଓ ରଣଜିତ ଭୋଇ, ଡିଏସ୍‌ପି ଡିଆଇବି ଲମ୍ବୋଦର ବୁଡା, ଡିଏସ୍‌ପି ଜୋନ୍-୨ର ଅସୀମ କୁମାର ପଣ୍ଡା, ଡିଏସ୍‌ପି ଜୋନ୍-୧ର ଜ୍ୟୋତିର୍ମୟୀ ଭୁକ୍ତା, ପାନପୋଷ ଏସ୍‌ଡିପିଓ ଏସ୍.ଏନ୍. ସାମଦ, ଡିଏସ୍‌ପି ପି.କେ. ବାର୍ଲା ଓ ସୁନୀଲ ସୋରେନ, ଡିଏସ୍‌ପି ମୀରା ନାୟକ, ଡେପୁଟି କମାଣ୍ଡାଣ୍ଟ ଜି.ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏସ୍.କେ. ନାୟକ ପ୍ରମୁଖଙ୍କ ସମେତ ପୋଲିସ୍ ବିଭାଗର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଆୟୋଜିତ ପ୍ୟାରେଡ୍ କାର୍ଯ୍ୟକ୍ରମ ଆର୍ଆଇ ଦୀପ୍ତି ଜେନାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିବା ବେଳେ ଆସିଷ୍ଟାଣ୍ଟ ସର୍ଜନ ଏସ୍.କେ. ବେହେରା ସେକେଣ୍ଡ ଇନ୍ କମାଣ୍ଡାଣ୍ଟ ଭାବେ ସହଯୋଗ କରିଥିଲେ ।